# NATIONAL NEWS BULLETIN (ODIA)

## 18 March - 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ସଂସଦରେ ପାରିତ ହେଲା ବ୍ୟୟମଞ୍ଜୁରୀ ବିଲ୍-୨୦୨୬ ।
- ପଶ୍ଚିମ ଏସିଆରେ ଯଥାଶୀଘ୍ର ଶାନ୍ତି, ସୁରକ୍ଷା ଓ ସ୍ଥିରତାର ପୁନଃସ୍ଥାପନ କରିବା ଦିଗରେ ୟୁଏଇ ସହିତ ମିଳିତ ପ୍ରୟାସ କରିବା ଦିଗରେ ନିଜର ପ୍ରତିବଦ୍ଧତା ଦୋହରାଇଲା ଭାରତ ।
- ଭାରତ ଜନଜାତି ମହୋତ୍ସବ-୨୦୨୬ ଆଜିଠାରୁ ଆରମ୍ଭ ହେବ ନୂଆଦିଲ୍ଲୀରେ ।
- ଇସ୍ରାଏଲ ଆକ୍ରମଣରେ ଇରାନ୍‌ର ଜାତୀୟ ସୁରକ୍ଷା ମୁଖ୍ୟ ଏବଂ ବାସିଜ୍ ବାହିନୀ ମୁଖ୍ୟଙ୍କର ମୃତ୍ୟୁ ହୋଇଥିବା ନେଇ ଇରାନ୍‌ର ସ୍ପଷ୍ଟୀକରଣ ।

ଏବଂ

- ଓଲିଆନ୍ସ ମାଷ୍ଟର୍ସ ସୁପର ୩୦୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗଲ୍ସ ବର୍ଗର ପ୍ରାରମ୍ଭିକ ମ୍ୟାଚ୍‌ରେ ଭାରତର ଆକର୍ଷି କାଶ୍ୟପ ବିଜୟୀ ।

# ଆର୍‌ଏସ୍‌-ଆପ୍ରୋପ୍ରିଏସନ ବିଲ୍‌

ବ୍ୟୟମଞ୍ଜୁରୀ ବିଲ୍‌-୨୦୨୬ ସଂସଦରେ ପାରିତ ହୋଇଛି । ଏହି ବିଲ୍‌ଟି ଆଲୋଚନା ପରେ ଗତକାଲି ରାଜ୍ୟସଭାରେ ଗୃହୀତ ହୋଇଛି । ପୂର୍ବରୁ ଏହା ଲୋକସଭାର ଅନୁମୋଦନ ଲାଭ କରିସାରିଛି ।

ଗତକାଲି ରାଜ୍ୟସଭାରେ ଏ ସମ୍ପର୍କିତ ଆଲୋଚନାର ଉତ୍ତର ଦେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି କେନ୍ଦ୍ର ସରକାର ଅର୍ଥନୈତିକ ସ୍ଥିରତା ପାଣ୍ଠି ଲାଗି ୫୭ହଜାର ୩୮୧ କୋଟି ୮୪ଲକ୍ଷ ଟଙ୍କା ଯୋଗାଇ ଦେଇଛନ୍ତି । ସେହିଭଳି ରବି ଋତୁ ଲାଗି ସାରର ରିହାତି ବାବଦରେ ୧୯ହଜାର ୨୩୦ କୋଟି ଟଙ୍କା ଅତିରିକ୍ତ ପାଣ୍ଠି ପ୍ରଦାନ କରାଯାଇଛି । ବର୍ତ୍ତମାନ ଭାରତର ଅର୍ଥନୈତିକ ଶକ୍ତିର ସ୍ଥିତି ଉପରେ ଆଲୋକପାତ କରି ଅର୍ଥମନ୍ତ୍ରୀ କହିଛନ୍ତି କୋଭିଡ୍‌ ପରଠାରୁ ଦେଶର ଅର୍ଥ ବ୍ୟବସ୍ଥା ଅନେକ ସଶକ୍ତ ଏବଂ ସ୍ଥିର ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଦୂରଦୃଷ୍ଟି ସମ୍ପନ୍ନ ଆତ୍ମନିର୍ଭର ଭାରତକୁ ସଫଳତାର ସହ କାର୍ଯ୍ୟକାରୀ କରାଯାଇ କୋଭିଡ୍‌ ଭଳି ସଙ୍କଟ ସମୟରେ ସୃଷ୍ଟ ସ୍ଥିତିକୁ ସଫଳତାର ସହ ମୁକାବିଲା କରାଯାଇପାରିଛି । କେନ୍ଦ୍ର ସରକାରଙ୍କ ପୁଞ୍ଜି ବ୍ୟୟ ୨୦୧୭-୧୮ ଆର୍ଥିକ ବର୍ଷରେ ୨ ଦଶମିକ ୬/୩ ଲକ୍ଷ କୋଟି ଟଙ୍କା ଥିବାବେଳେ ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ଏହି ପରିମାଣ ପ୍ରାୟ ୪ ଦଶମିକ ୨ ଗୁଣା ବୃଦ୍ଧି

ପାଇ ୧୨ ଦଶମିକ ୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି ବୋଲି ସେ କହିଛନ୍ତି ।

ଶ୍ରୀମତୀ ସୀତାରମଣ କହିଛନ୍ତି ଭାରତ ଶକ୍ତି କ୍ଷେତ୍ରର ସାମଗ୍ରିକ ବିକାଶ ଦିଗରେ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଥିବାରୁ ବର୍ତ୍ତମାନ ଏକ ଶକ୍ତି ବଳକା ଦେଶ ଭାବେ ଉଭା ହୋଇଛି । ଦେଶରେ ଏଲ୍‌ପିଜି ଚାହିଦାକୁ ମେଣ୍ଟାଇବା ଲାଗି ଏହାର ଘରୋଇ ଉତ୍ପାଦନକୁ ପ୍ରାୟ ୨୫ ପ୍ରତିଶତ ବୃଦ୍ଧି କରାଯାଇଛି ବୋଲି ସେ କହିଛନ୍ତି । ଅର୍ଥମନ୍ତ୍ରୀ କହିଛନ୍ତି ଜାନୁଆରୀ ୨୦୨୬ ସୁଦ୍ଧା ଦେଶରେ ବିଦ୍ୟୁତ୍ ଉତ୍ପାଦନ ୫୨୦ ଦଶମିକ ୫ ଗିଗାୱାଟ ରହିଛି । ଅଣଜୀବାଶ୍ମ ସୂତ୍ରରୁ ଏହାର ଉତ୍ପାଦନ ୨୭୧ ଦଶମିକ ୯/୭ ଗିଗାୱାଟ ରହିଛି । ସରକାରଙ୍କ ସମୟୋଚିତ ପଦକ୍ଷେପ ଯୋଗୁଁ ଏହି ସଫଳତା ଲକ୍ଷଧାର୍ଯ୍ୟର ୫ ବର୍ଷ ପୂର୍ବରୁ ହାସଲ ହୋଇପାରିଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି ।

## ପାର୍ଲ୍ୟାମେଣ୍ଟ ଟୁଡେ

ଅନ୍ୟପକ୍ଷରେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ଖର୍ଚ୍ଚଦାବି ଉପରେ ଆଜି ଲୋକସଭାରେ ଆଲୋଚନା କରାଯାଇ ଆବଶ୍ୟକ ସ୍ଥଳେ ମତଦାନ ହେବ । ଏତଦ୍‌ବ୍ୟତୀତ ସ୍ୱରାଷ୍ଟ୍ର, ବୈଦେଶିକ ବ୍ୟାପାର ଏବଂ ଶକ୍ତି ମନ୍ତ୍ରଣାଳୟର ପୃଥକ୍ ପୃଥକ୍ ଖର୍ଚ୍ଚ ଦାବି ଉପରେ ମଧ୍ୟ ଆଜି ନିମ୍ନ ସଦନରେ ଅନୁରୂପ ଆଲୋଚନା କରାଯାଇ ମତଦାନ ହେବ ।

# ପିଏମ୍-ୟୁଏଇ ପ୍ରେଜ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ସଂଯୁକ୍ତ ଆରବ ଏମିରେଟ୍ସ- ୟୁଏଇର ରାଷ୍ଟ୍ରପତି ସେଖ୍ ମହମ୍ମଦ ବିନ୍ ଜାୟେଦ୍ ଆଲ୍ ନାହିୟାଁଙ୍କ ସହିତ ଫୋନ୍ ଯୋଗେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ବିଶେଷକରି ପଶ୍ଚିମ ଏସିଆର ସାମ୍ପ୍ରତିକ ସ୍ଥିତି ଉପରେ ଉଭୟ ନେତା ମତବିନିମୟ କରିଛନ୍ତି ବୋଲି ଶ୍ରୀ ମୋଦୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ୟୁଏଇ ଉପରେ ହୋଇଥିବା ଆକ୍ରମଣ ଦ୍ୱାରା ସେଠାରେ ସାଧାରଣ ଭିତ୍ତିଭୂମିର କ୍ଷୟକ୍ଷତି ହେବା ସହିତ ନିରୀହ ନାଗରିକଙ୍କର ପ୍ରାଣହାନୀ ହୋଇଥିବା ଭାରତ ଏହାର ଦୃଢ଼ ନିନ୍ଦା କରିଛି । ଏତଦ୍‌ବ୍ୟତୀତ ହର୍ମୁଜ ପ୍ରଣାଳୀ ଦେଇ ସୁରକ୍ଷିତ ତଥା ମୁକ୍ତ ଜାହାଜ ଚଳାଚଳ ଉପରେ ଉଭୟପକ୍ଷ ଗୁରୁତ୍ୱାରୋପ କରିଛନ୍ତି । ପଶ୍ଚିମ ଏସିଆରେ ଯଥାଶୀଘ୍ର ଶାନ୍ତି, ସୁରକ୍ଷା ଓ ସ୍ଥିରତାର ପୁନଃସ୍ଥାପନ କରିବା ଦିଗରେ ଉଭୟ ଦେଶ ମିଳିତ ପ୍ରୟାସ କରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଶ୍ରୀ ମୋଦୀ ୟୁଏଇ ରାଷ୍ଟ୍ରପତିଙ୍କୁ ଏହି ଅବସରରେ ଆଗୁଆ ଇଦ୍ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

# ଇସି ସେଣ୍ଟ୍ରାଲ ଅବଜରଭରସ

ଆସାମ, କେରଳ, ପୁଡୁଚେରୀ, ତାମିଲନାଡୁ ଓ ପଶ୍ଚିମବଙ୍ଗର ବିଧାନସଭା ନିର୍ବାଚନ ଏବଂ ୬ଟି ରାଜ୍ୟରେ ହେବାକୁ ଥିବା ଉପନିର୍ବାଚନ

ଲାଗି ନିର୍ବାଚନ ଆୟୋଗ ୧ହଜାର ୧ଶହ ଏଗାର ଜଣ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରିଛନ୍ତି । ଆୟୋଗ କହିଛନ୍ତି ସେମାନଙ୍କ ମଧ୍ୟରେ ୫୫୭ଜଣ ସାଧାରଣ ପର୍ଯ୍ୟବେକ୍ଷକ ହୋଇଥିବାବେଳେ ୧୮୮ଜଣ ପୋଲିସ ପର୍ଯ୍ୟବେକ୍ଷକ ରହିଛନ୍ତି । ଏତଦ୍‌ବ୍ୟତୀତ ଖର୍ଚ୍ଚ ସଂକ୍ରାନ୍ତୀୟ ପର୍ଯ୍ୟବେକ୍ଷକ ଭାବେ ୩୬୬ଜଣଙ୍କୁ ଆୟୋଗ ନିଯୁକ୍ତ କରିଛନ୍ତି । ଏହି ପର୍ଯ୍ୟବେକ୍ଷକମାନେ ସାଧାରଣରେ ନିଜର ମୋବାଇଲ ନମ୍ବର ଉପଲବ୍ଧ କରାଇବା ସହିତ ପ୍ରତ୍ୟେକଦିନ ସମ୍ପୃକ୍ତ ଅଞ୍ଚଳର ପ୍ରାର୍ଥୀ, ରାଜନୈତିକ ନେତୃବୃନ୍ଦ କିମ୍ବା ତାଙ୍କର ପ୍ରତିନିଧି ଓ ଜନସାଧାରଣଙ୍କ ନିର୍ବାଚନ ସମ୍ପର୍କିତ ଅଭିଯୋଗ ଶୁଣିବା ସହିତ ଏହାର ସମାଧାନ ଦିଗରେ ବିହିତ ପଦକ୍ଷେପ ନେବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି । ଏତଦ୍‌ବ୍ୟତୀତ ଏହିସବୁ ନିର୍ବାଚନକୁ ଅବାଧ, ନିରପେକ୍ଷ ତଥା ହିଂସାମୁକ୍ତ ଭାବେ ସଂପନ୍ନ କରିବା ସହିତ ଯେଭଳି ପ୍ରତ୍ୟେକ ମତଦାତା ନିର୍ଭୟରେ ନିଜର ଗଣତାନ୍ତ୍ରିକ ମତାଧିକାର ସାବ୍ୟସ୍ତ କରିପାରିବେ ସେଥିଲାଗି ସମସ୍ତ ପଦକ୍ଷେପ ନିଆଯାଉଛି ବୋଲି ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାର କହିଛନ୍ତି ।

ଅନ୍ୟପକ୍ଷରେ କେରଳମ୍‌ରେ ନିର୍ବାଚନ ପ୍ରଚାର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଇତିମଧ୍ୟରେ ୩ଟି ପ୍ରମୁଖ ରାଜନୈତିକ ଦଳ - ଏନ୍‌ଡିଏ, ଏଲ୍‌ଡିଏଫ୍ ଓ କଂଗ୍ରେସ ପକ୍ଷରୁ ପ୍ରଥମପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇସାରିଛି । ଗତକାଲି ସେଠାରେ ନିର୍ବାଚନ ଆୟୋଗଙ୍କ

ଦ୍ୱାରା ନିଯୁକ୍ତ ଖର୍ଚ୍ଚ ସଂକ୍ରାନ୍ତୀୟ ପର୍ଯ୍ୟବେକ୍ଷକ ପହଞ୍ଚି ସାରିଥିବାବେଳେ ଆଜି ସାଧାରଣ ପର୍ଯ୍ୟବେକ୍ଷକମାନେ ପହଞ୍ଚିବାର କାର୍ଯ୍ୟସୂଚୀ ରହିଛି ।

## ଭାରତ-ଟ୍ରାଇବ ଫେଷ୍ଟ

ଭାରତ ଜନଜାତି ମହୋତ୍ସବ-୨୦୨୬ ଆଜିଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେବ । ଜନଜାତି ସମ୍ପ୍ରଦାୟର ସାଂସ୍କୃତିକ ଐତିହ୍ୟ ଏବଂ ଉଦ୍ୟୋମିତା କାର୍ଯ୍ୟକଳାପ ଏହି ମହୋତ୍ସବରେ ପ୍ରଦର୍ଶିତ ହେବ । କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଏହାକୁ ଉଦ୍‌ଘାଟନ କରିବେ । ଭାରତ ଜନଜାତି ସମବାୟ ବିପଣନ ଉନ୍ନୟନ ସଂଘ ଦ୍ୱାରା ଆୟୋଜିତ ଏହି ମହୋତ୍ସବ ଆଜିଠାରୁ ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥିରେ ୭୮ଟି ବଣ ଧନ ବିକାଶ କେନ୍ଦ୍ର ପକ୍ଷରୁ ୨୦୦ରୁ ଊର୍ଦ୍ଧ୍ୱ ଷ୍ଟଲ ଖୋଲାଯିବ । ଦେଶବ୍ୟାପୀ ୩୦୦ରୁ ଊର୍ଦ୍ଧ୍ୱ ଜନଜାତି କାରିଗର ଏହି ମହୋତ୍ସବରେ ଅଂଶଗ୍ରହଣ କରିବେ ।

## ଏଲ୍‌ଏସ୍-ଅଶ୍ୱିନୀ ବୈଷ୍ଣବ

କେନ୍ଦ୍ର ସରକାର ଗତ ୧୧ ବର୍ଷ ମଧ୍ୟରେ ରେଳବାଇ କ୍ଷେତ୍ରରେ ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ଗତକାଲି ସଂଧ୍ୟାରେ ରେଳମନ୍ତ୍ରଣାଳୟର ଖର୍ଚ୍ଚଦାବି ଉପରେ ଲୋକସଭାରେ ଚାଲିଥିବା ଆଲୋଚନାର ଉତ୍ତର ଦେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହା କହିଛନ୍ତି ।

ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏହି କ୍ଷେତ୍ରରେ ନିଆଯାଇଥିବା ବିକାଶମୂଳକ ପଦକ୍ଷେପ ଲାଗି ରେଳବାଇର ଆର୍ଥିକ ସ୍ୱାସ୍ଥ୍ୟରେ ଉଲ୍ଲେଖନୀୟ ଉନ୍ନତି ଘଟିଛି । ବିଶେଷକରି ରେଳଯାତ୍ରୀମାନଙ୍କର ସୁରକ୍ଷା, ସୁବିଧା ଉପରେ ପ୍ରାଧାନ୍ୟ ଦେଇ ସରକାର ବିବିଧ ପଦକ୍ଷେପ ଗ୍ରହଣ କରିଛନ୍ତି ।

**V/O (Ashwini Baishnab)**

## ଇରାନ୍- ଲାରିଜାନି କିଲିଂ

ଇସ୍ରାଏଲ ଆକ୍ରମଣରେ ଇରାନ୍‌ର ଜାତୀୟ ସୁରକ୍ଷା ମୁଖ୍ୟ ଅଲ୍ଲୀ ଲାରିଜାନି ଏବଂ ବାସିଜ୍ ବାହିନୀର ମୁଖ୍ୟ ଘୋଲାମ ରେଜା ସୋଲିମନିଙ୍କର ମୃତ୍ୟୁ ହୋଇଛି ବୋଲି ଇରାନ୍ ସ୍ପଷ୍ଟ କରିଛି । ଇରାନ୍‌ର ପୂର୍ବତନ ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଅଲ୍ଲୀ ଖାମନେଇ ଏବଂ ତାଙ୍କ ପୁତ୍ର ମୁସ୍ତାବାଙ୍କର ଅତି ନିକଟତମ ତଥା ଆମେରିକା ଓ ଇସ୍ରାଏଲ ବିପକ୍ଷ ଯୁଦ୍ଧରେ ତେହେରାନ ପକ୍ଷରୁ ଲାରିଜାନି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହି ଦୁଇ ପ୍ରମୁଖ ବ୍ୟକ୍ତିତ୍ୱଙ୍କ ମୃତ୍ୟୁ ନେଇ ଇସ୍ରାଏଲ ଦାବି କରିବାର କିଛିଘଣ୍ଟା ପରେ ଇରାନ ଏହି ସ୍ପଷ୍ଟୀକରଣ ଦେଇଛି ।

## କତାର ଏୟାସି-ଆଡଭାଇଜରୀ

କତାର ଏୟାରୱେଜ୍ ପକ୍ଷରୁ ଗତକାଲି ୫ଟି ବିମାନରେ ୧ହଜାର ୬୦୦ରୁ ଊର୍ଦ୍ଧ୍ୱ ଭାରତୀୟ ନାଗରିକଙ୍କୁ ସ୍ୱଦେଶ ଅଣାଯାଇଥିବା ସମ୍ପର୍କରେ ଦୋହାସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଆଜିଠାରୁ ସଂପୃକ୍ତ ଏୟାରଲାଇନ୍ସ ପକ୍ଷରୁ ଭାରତର ୯ଟି ସ୍ଥାନକୁ ଉଡାଣ ଭରିବାର କାର୍ଯ୍ୟସୂଚୀ ରହିଛି । ଏଥିଲାଗି ସେଠାରେ ଥିବା ଭାରତୀୟମାନେ ଏୟାରଲାଇନ୍‌ର ୱେବ୍‌ସାଇଟ୍, ମୋବାଇଲ ଆପ୍ଲିକେସନ, ସ୍ୱୀକୃତିପ୍ରାପ୍ତ ଟ୍ରାଭେଲ ଏଜେଣ୍ଟ କିମ୍ୱା ସରକାରୀ ଚ୍ୟାନେଲ ମାଧ୍ୟମରେ ନିଜର ଟିକଟ ବୁକ୍ କରିବାକୁ ଭାରତୀୟ ଦୂତାବାସ ପକ୍ଷରୁ ପରାମର୍ଶ ଦିଆଯାଇଛି ।

ଅନ୍ୟପକ୍ଷରେ ଏୟାର ଇଣ୍ଡିଆ ଓ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ପକ୍ଷରୁ ଆଜି ପ୍ରାୟ ୫୦ଟି ବିମାନ ଭାରତ ସ ପଶ୍ଚିମ ଏସିଆ ମଧ୍ୟରେ ଯାତାୟତ କରିବ ବୋଲି ସୂଚନା ଦିଆଯାଇଛି । ଯୁକ୍ତରାଷ୍ଟ୍ର ଆମେରିକା, ଇସ୍ରାଏଲ ଓ ଇରାନ୍ ମଧ୍ୟରେ ସଂପୃକ୍ତ ଅଞ୍ଚଳରେ ଦେଖାଦେଇଥିବା ଦ୍ୱନ୍ଦ ସ୍ଥିତି ଯୋଗୁଁ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି ।

## ବ୍ୟାଡମିଣ୍ଟନ

ଫ୍ରାନ୍ସର ପାଲାଇସ୍ ଡିସ୍ ସ୍ପୋର୍ଟ୍‌ସଠାରେ ଚାଲିଥିବା ଓଲିଆନ୍ସ ମାଷ୍ଟର୍ସ ସୁପର ୩୦୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗଲ୍ସ ବର୍ଗର ଭାରତର ଆକର୍ଷି କାଶ୍ୟପ ଗତକାଲି ସଂଧ୍ୟାରେ ଅନୁଷ୍ଠିତ ପ୍ରାରମ୍ଭିକ ମ୍ୟାଚ୍‌ରେ ବିଜୟୀ

ହୋଇଛନ୍ତି । ସେ ଚାଇନିସ୍ ତାଇପେଇର ୱାଇ ଲିଙ୍କୁ ୨୧-୧୭, ୨୧-୧୯ରେ ପରାସ୍ତ କରିଛନ୍ତି ।

ପୁରୁଷ ସିଙ୍ଗଲ୍ସ ବର୍ଗରେ ଭାରତର କିଦାମ୍ବି ଶ୍ରୀକାନ୍ତ ଆଜି ଡେନ୍‌ମାର୍କର ମାଗ୍‌ନସ ଜୋହାନେସେନ୍‌ଙ୍କୁ ଭେଟିବେ । ସେହିଭଳି ଆୟୁଷ ସେଟ୍ଟୀ ତାଙ୍କର ପ୍ରାରମ୍ଭିକ ମ୍ୟାଚ୍‌ରେ କିରନ ଜର୍ଜଙ୍କ ବିପକ୍ଷରେ ଖେଳିବେ ବୋଲି ଜଣାପଡିଛି ।

## ଏଫ୍‌ଆଇଏଚ୍ ହକି

ପୁରୁଷ ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ୨୦୨୬ ଲାଗି ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱି ଭାରତ ଓ ପାକିସ୍ତାନ ପୁଲ୍-ଡିରେ ସ୍ଥାନ ପାଇଛନ୍ତି । ସେମାନେ ନେଦରଲ୍ୟାଣ୍ଡର ଆମ୍‌ଷ୍ଟରଡ୍ୟାମ୍‌ରେ ନିଜ ନିଜ ମ୍ୟାଚ୍‌ଗୁଡ଼ିକ ଖେଳିବେ । ପୁଲ୍-ଡିରେ ଏହି ଦୁଇଦଳ ବ୍ୟତୀତ ଇଂଲଣ୍ଡ ଏବଂ ୱେଲ୍‌ସ ମଧ୍ୟ ସ୍ଥାନ ପାଇଛନ୍ତି । ବେଲ୍‌ଜିୟମ ଓ ନେଦରଲ୍ୟାଣ୍ଡ ଦ୍ୱାରା ମିଳିତଭାବେ ଆୟୋଜିତ ହେବାକୁ ଥିବା ଏହି ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟ ଆମ୍‌ଷ୍ଟରଡ୍ୟାମ୍ ଓ ୱାଭ୍ରେରେ ଆସନ୍ତା ଅଗଷ୍ଟ ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ ଭାଗ ନେଉଥିବା ମୋଟ୍ ୧୬ଟି ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି ।

ଅନ୍ୟପକ୍ଷରେ ସେହିସମୟ ମଧ୍ୟରେ ବେଲ୍‌ଜିୟମ ଓ ନେଦରଲ୍ୟାଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ମହିଳା ଏଫ୍‌ଆଇଏଚ୍ ବିଶ୍ୱକପ୍ ହକି ପ୍ରତିଯୋଗିତାରେ ଭାରତ ପୁଲ୍-ଡିରେ ସ୍ଥାନ ପାଇଛି । ଭାରତୀୟ ମହିଳା ହକି ଦଳ ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡକୁ ଭେଟିବାର କାର୍ଯ୍ୟସୂଚୀ ରହିଛି । ଉଭୟ ପୁରୁଷ ଓ ମହିଳା ବିଶ୍ୱକପ୍ ଲାଗି ସଂପୂର୍ଣ୍ଣ କାର୍ଯ୍ୟସୂଚୀ ଆଜି ପ୍ରକାଶ ପାଇବ ।